Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

**ସପ୍ତାହ –୨୪**

ନ.- ୬୮୨ (ଓଡିଆ ବୁଲେଟିନ)
ତାରିଖ – ୧୬.୦୬.୨୦୨୬

## ଜିଲ୍ଲା – କେନ୍ଦ୍ରାପଡ଼ା

| DISTRICT | KENDRAPARA | | | | |
|---|---|---|---|---|---|
| Date | 17/06/2026 | 18/06/2026 | 19/06/2026 | 20/06/2026 | 21/06/2026 |
| Rainfall (mm) | 12 | 10 | 10 | 8 | 8 |
| T-MAX (°C ) | 36 | 36 | 36 | 35 | 35 |
| T-MIN (°C ) | 24 | 24 | 25 | 25 | 25 |
| Cloud Cover | 4 | 4 | 4 | 3 | 3 |
| Rh Max (%) | 84 | 85 | 85 | 83 | 83 |
| Rh Min (%) | 51 | 53 | 50 | 51 | 43 |
| Wind speed (kmph) | 20 | 23 | 25 | 26 | 5 |
| Wind Direction (deg) | 202 | 214 | 215 | 210 | 213 |
| ସତର୍କବାଣୀ / ଚେତାବନୀ | ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଅଛି | ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଅଛି | ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଅଛି | ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଅଛି | ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଅଛି |

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ ବିଭାଗ (IMD) ର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୫ ରୁ ୨୬ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୫ ରୁ ୩୬ ଡିଗ୍ରୀ ସେଲସିଅସ ଓ ୨୪ ରୁ ୨୫ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

**ଚେତାବନୀ : ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ବିଜୁଳି, ଘଡଘଡି ଓ ଝଡି ପବନ ହେବାର ସମ୍ଭାବନା ରହିଛି ।**

## ସାଧାରଣ ଉପଦେଶ

- ❖ ଭାରତୀୟ ପାଣିପାଗ ବିଭାଗର ସମ୍ଭାବ୍ୟ ମୌସୁମୀ ବର୍ଷା ପୂର୍ବାନୁମାନ ଅନୁଯାୟୀ, ଉଚ୍ଚ / ମଧ୍ୟମ ଜମି ଅବସ୍ଥାରେ କୃଷକମାନଙ୍କୁ ସ୍ୱଳ୍ପ ଓ ମଧ୍ୟମ ଅବଧିର ଧାନ କିସମକୁ ଅଧିକ ଗୁରୁତ୍ୱ ଦେବାକୁ ଏବଂ ମରୁଡ଼ି ପରିସ୍ଥିତିକୁ ସହନ କରିବା ପାଇଁ କିସମ ଯଥା : ସିଦ୍ଧାନ୍ତ, ଯୋଗେଶ, ମନ୍ଦାକିନୀ, ଚନ୍ଦ୍ରଗିରି, ମହେନ୍ଦ୍ରଗିରି, ଜୟଦା, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ଅଙ୍କିତ, ବିନା ଧାନ-୧୧, DRR-39, DRR-42, DRR-44, CR ଧାନ-୨୦୩ ଓ ସତ୍ୟଭାମା ପରି ମରୁଡ଼ି ସହନଶୀଳ ଧାନ କିସମ ଚାଷ କରିବାକୁ ପରାମର୍ଶ ଦିଆଯାଉଅଛି ।
- ❖ ମାଟିରେ ଆବଶ୍ୟକ ଜଳୀୟାଂଶ ରହିବା ପରେ ଧାନର ଖରୁଡି ବୁଣା କିମ୍ବା ଓଦା ବୁଣା କରାଯିବା ଆବଶ୍ୟକ ।
- ❖ ଏକ ଏକର ଧାନ ଚାଷ ପାଇଁ ୪୦୦ ବର୍ଗମିଟର ବା ୧୦ ଡେସିମିଲ ତଳିଘରା ଆବଶ୍ୟକ ହୋଇଥାଏ ।
- ❖ ପରିପକ୍ୱ ଫଳ ଯେପରି ଆମ୍ବ, ଲିଚୁ, ପଣସ, ଆନାରସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରି ନିଅନ୍ତୁ ।
- ❖ ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ । ଶେଷ ଜମି ତିଆରି ସମୟ ରେ ଏକର ପ୍ରତି ୨ଟନ ଗୋବର ଖତ ପ୍ରୟୋଗ କରନ୍ତୁ ।
- ❖ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।

- ❖ କ୍ଷୟ କ୍ଷତି ଏଡ଼ାଇବା ପାଇଁ ଫାର୍ମ ଉପକରଣ, ମୋଟର ଏବଂ ସିଞ୍ଚନ ପମ୍ପଗୁଡ଼ିକ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ପରାମର୍ଶ ଦିଆ ଯାଉଅଛି ।
- ❖ କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।
- ❖ ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ଅଧିକ ଗରମ ଓ ଆର୍ଦ୍ର ଅନୁଭୂତ ହେବାର ପୂର୍ବାନୁମାନ ଥିବାରୁ ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରିବାକୁ, ଠିକ ସମୟରେ ପାଣି ପିଇବାକୁ ଓ ଅଧିକ ଗରମ ସମୟରେ ( ଦିନ 12 ଟାରୁ 4ଟା ) କାମ ନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଅଛି ।
- ❖ ବିଜୁଳି ଓ ଘଡଘଡି ର ସମ୍ଭାବନା ଥିବାରୁ ଗାଈଗୋରୁ ମାନଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରପାତି ଠାରୁ ଦୂରେଇ ରୁହନ୍ତୁ । ଗଛ ତଳେ ଜମାବାନ୍ଧି ଆଶ୍ରୟ ପାଇଁ ଛାଡନ୍ତୁ ନାହିଁ । ଗାଈଗୋରୁ ମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ ।
- ❖ ସ୍ଥଅଳ କିମ୍ବା ମଧ୍ୟମ ଋତୁ ରେ ଦେଖା ଯାଉଥିବା ମରୁଡି କୁ ଏଡ଼ାଇବା ପାଇଁ ବର୍ଷାଜଳ ସଂଗ୍ରହ ପ୍ରକଳ୍ପ ଗୁଡ଼ିକୁ ମରାମତି କରନ୍ତୁ |

**ସଂକ୍ଷିପ୍ତ ଉପଦେଶ:**

- ❖ କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।

**ବିଶେଷ ଉପଦେଶ**

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ❖ କାଦୁଆ ତଳିଘରା ପ୍ରସ୍ତୁତି- କାଦୁଆ ତଳିଘରା ପାଇଁ ନିର୍ବାଚିତ ଜମିକୁ ୩-୪ ଓଡ ଚାଷ କରି ୨ ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭର୍ତି କରିରଖନ୍ତୁ। ଏହା ପରେ ତଳିଘରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ । ଶେଷ ଓଡ ୪ ଚାଷ ବେଳକୁ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪ କିଲୋଗ୍ରାମ DAP, ୪ କିଲୋଗ୍ରାମ ପଟାସ ସାର ଏହି ସମୟରେ ପ୍ରୟୋଗ କରନ୍ତୁ । ତଳଘିରା କୁ ୧.୫ ମିଟର ଓସାର ୧୦ ସେ.ମି ଉଚ୍ଚତା ଏବଂ ସୁବିଧା ଅନୁସାରେ ଲମ୍ବ ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ୩୦ ସେ.ମି ଚଉଡା ନାଳି, ଜଳସେଚନ ପାଇଁ ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତ କୁ ଛିଞ୍ଚି ଘୋଡାଇ ଦିଅନ୍ତୁ। ତଳିଘରା କୁ ଓଦା ରଖନ୍ତୁ ଏବଂ ଠିଆ ପାଣି କିପରି ନ ରହିବ ସେହିପରି ଯତ୍ନ ନିଅନ୍ତୁ । | |
| ଚିନାବାଦାମ | ଲଗାଇବା ଅବସ୍ଥା | ❖ ଚିନାବାଦାମ ର ଉପଯୁକ୍ତ କିସମ ଯଥା ଦେବୀ ( ଆଇ.ସି.ଜି.ଭି-୯୧୧୧୪) Devi (ICGV-91114), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9),ଟି.ଜି-୩୭ଏ (TG-37A),ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭ (CO-7), ଧରଣୀ (Dharani) ଆଦି ଚୟନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବ ରୁ ବିଶୋଧିତ ବିହନ କୁ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ । |
| ମକା | ଲଗାଇବା ଅବସ୍ଥା | ❖ ବିହନ ବିଶୋଧନ – ଫଲ୍ ଆର୍ମି ୱାର୍ମ ନାମକ କୀଟର ପରିଚାଳନା ପାଇଁ ବିହନ କୁ ବୁଣିବା ଆଗରୁ ଏକ କେଜି ବିହନ ରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । |
| ହରଡ | ଲଗାଇବା ଅବସ୍ଥା | ❖ ବିହନ କୁ ବୁଣିବା ଆଗରୁ ଏକ କେଜି ହରଡ ବିହନ ରେ ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ଯାହାକି Vitavax power ବା Vaccinator power ନାମ ରେ ମିଳୁଛି ମିଶାଇ ବିହନ ବିଶୋଧନ କରନ୍ତୁ। ବିହନ ବୁଣିବାର ଏକ ଘଣ୍ଟା ପୂର୍ବ ରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଘୋଳାଇ ଉପଚାର କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ । ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମି .ଲି.Imidacloprid ନାମକ କୀଟନାଶକ, ୨୦୦ -ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ବାଇଗଣ | ତଳିଘେରା ଅବସ୍ଥା | ❖ ଘରାକଟା ରୋଗ<br>ତଳିଘେରା ରେ ଘରାକଟା ରୋଗ ହୋଇ ତଳି ମରିବା ଦେଖା ଦେଲେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗ ଦେଖି ୧୦-ଲିଟର ପାଣିରେ ୨୦-ଗ୍ରାମ ମେଟାଲାଗଜିଲ (Metalaxyl) ଓ ମାଙ୍କୋଜେବ (Mancozeb) ର ମିଳିତ ଫିମ୍ପିନାଶକ, ମିଶାଇ ଏହି ଦ୍ରବଣ କୁ ଝରା ଦ୍ଵାରା ମାଟି କୁ ଭିଜାନ୍ତୁ। ତଳି ଉପାଡିବାର ପୂର୍ବ ଦିନ ସନ୍ଧ୍ୟା ସମୟରେ ୧୦-ଲିଟର ପାଣିରେ ୧୦-ଗ୍ରାମ ଟ୍ରାଇକୋଡର୍ମା ଭିରିଡି (Trichoderma viride 1% WP) or ଟ୍ରାଇକୋଡର୍ମା ହାର୍ଜିଆନମ୍ (Trichoderma harzianum 1% WP) ମିଶାଇ, ଏହି ଦ୍ରବଣ କୁ ଝରା ସାହାର୍ଯ୍ୟ ରେ ସ୍ପ୍ରେ କରି ମାଟି କୁ ଭଲ ଭାବରେ ଭିଜାନ୍ତୁ । |
| ଖମ୍ବଆଳୁ | ଲଗାଇବା ଅବସ୍ଥା | ❖ ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ । ଦେଶୀ ଆଳୁ - ଶ୍ରୀକୀର୍ତ୍ତି, ଶ୍ରୀରୁପା, ହାତୀଖୋଜ, ଛୋଟ ଖମ୍ବଆଳୁ - ଶ୍ରୀକଳା, ଧଳା ଖମ୍ବଆଳୁ- ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ । ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର ହୁଏ । ଏହି ଖଣ୍ଡ ଗୁଡିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ । ଜମିକୁ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ । ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୁରଣ କରନ୍ତୁ । ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ । ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ । ମନ୍ଦାରେ ଖମ୍ବଆଳୁ ବିହନକୁ ୫-୧୦ ସେମି ଗଭୀରରେ ପୋତନ୍ତୁ । ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ ଦେଇ ଘୋଡାଇ ଦିଅନ୍ତୁ । |
| ଭେଣ୍ଡି | ଲଗାଇବା ଅବସ୍ଥା | ❖ ସାର ପରିଚାଳନା<br>ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି 70 କିଲୋଗ୍ରାମ DAP, 11 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ 12 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି 45 ସେମି ଏବଂ ଗଛ କୁ ଗଛ 30 ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ। ଶଙ୍କର ବିହନ ପାଇଁ ଏକର ପ୍ରତି 87 କିଲୋଗ୍ରାମ DAP, 13 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ 28 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି 60 ସେମି ଏବଂ ଗଛ କୁ ଗଛ 45 ସେମି ବ୍ୟବଧାନରେ ରେ ମଞ୍ଜି ବୁଣନ୍ତୁ । |
| ଲଙ୍କା | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | ❖ ଝାଉଁଳା ରୋଗର ପରିଚାଳନା<br>ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozeb ର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ । |
| ସଜନା | ଛୁଇଁ ଧରିବା ଅବସ୍ଥା | ❖ ଶୁଖିଲା ପାଗ ଦେଖି ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ Cypermethrine @ ୮୦ ଗ୍ରାମ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ । |
| କଦଳୀ | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | ❖ କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢ଼ା ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁ କନ୍ଦା ଗୁଡିକୁ ଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା' ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସି ଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛକୁ କାଟି ଟିକିଟିକି କରି ଖରାରେ ଶୁଖାଇ ଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଚ୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |

| | |
|---|---|
| ପଶୁ ସମ୍ପଦ | ❖ ତୁଣ୍ଡ ବା ପାଟି ଘା (Stomatitis):<br>❖ ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟି ଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକ ଟାଆଁସା ଘାସ ବା ନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ ।<br>❖ ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମ ଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । |
| ଛେଳି ଓ ମେଣ୍ଢା | ❖ ଛେଳି ମେଣ୍ଢାଙ୍କୁ ଟିଙ୍କ ଉକୁଣି ଓ ତାର ପ୍ରତିକାର<br>ଟିଙ୍କ ଉକୁଣିମାନେ ଛେଳି ମେଣ୍ଢାମାନଙ୍କର ଶରୀରର ଲୋମ ତଳେ ବାସ କରି ସେମାନଙ୍କର ରକ୍ତ ଶୋଷଣ କରିଥାନ୍ତି, ଫଳରେ ପ୍ରାଣୀଟି ରକ୍ତହୀନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିଥାଏ । ଏହି ବାହ୍ୟ ପରଜୀବୀଗୁଡ଼ିକ ଛେଳି ମେଣ୍ଢାମାନଙ୍କର ଚର୍ମକୁ କାମୁଡ଼ିବା ଦ୍ବାରା ଶରୀର କୁଣ୍ଡାଇ ହୁଏ ଓ ଘା ସୃଷ୍ଟି ହୋଇଥାଏ । ଏମାନଙ୍କୁ ନିର୍ମୂଳ କରିବା ପାଇଁ ମାଲାଥିଅନ, ସାଇପରମେଥ୍ରୀନ, ଡେଲ୍ଟାମେଥ୍ରୀନ ପରି ଔଷଧ 1 ମି.ଲି. 1 ଲିଟର ପାଣିରେ ମିଶାଇ ପ୍ରାଣୀ ମାନଙ୍କର ଶରୀର ତଥା ଗୁହାଳରେ ସ୍ପ୍ରେ କରାଯାଇଥାଏ । ଏକ ସମୟରେ ସବୁ ପ୍ରାଣୀ ତଥା ଗୁହାଳକୁ ଟିଙ୍କ ଉକୁଣି ମୁକ୍ତ କରିବାକୁ ପଡିବ । ଭଲ ପାଗରେ ତଥା ଖାଦ୍ୟ ପାନୀୟ ଦେଇସାରିବା ପରେ ଏହି ଔଷଧ ପ୍ରୋୟୋଗ କରାଯିବା ଉଚିତ । ଯଦି କୌଣସି ପାର୍ଶ୍ବ ପ୍ରତିକ୍ରିୟା ଦେଖାଯାଏ, ତେବେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ । |
| କୁକୁଡା ପାଳନ | ❖ ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତରକୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ । ଅତ୍ୟଧିକ ଗରମ ଓ ତାପଦାହରୁ କୁକୁଡ଼ାମାନଙ୍କୁ ସୁରକ୍ଷା ଦେବା ପାଇଁ, କୁକୁଡ଼ା ଘରର ଛାତ ଉପରେ ଛାୟା ବ୍ୟବସ୍ଥା କରନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ ନିୟମିତ ବ୍ୟବଧାନରେ କୁକୁଡ଼ା ଘର ଉପରେ ପାଣି ଛିଞ୍ଚନ୍ତୁ । କୁକୁଡ଼ାମାନଙ୍କ ପାଇଁ ସର୍ବଦା ପରିଷ୍କାର ଓ ପର୍ଯ୍ୟାପ୍ତ ପିଇବା ପାଣି ଉପଲବ୍ଧ ରଖନ୍ତୁ । ଓଦା ଅଖାକୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି ଦେଲେ ଘର ଥଣ୍ଡା ରହିଥାଏ । |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link: https://play.google.com/store/apps/details?id=com.imd.masuam&hl=hi**
**Meghdoot MobileApp link: https://play.google.com/store/apps/details?id=com.aas.meghdoot**
**Damini MobileApp link : https://play.google.com/store/apps/details?id=com.lightening.app.damini&hl=en_IN**

**E-mail: aas_ouat@yahoo.com, WhatsApp: +91 76569 09765, Web Portal:https://ouat.nic.in/agro-advisory-service**